# କଟକ ଜିଲ୍ଲାରେ ଭାରତ ବନ୍ଦ୍‌ର ମିଶ୍ରିତ ପ୍ରଭାବ



ନିଶ୍ଚିନ୍ତକୋଇଲି


ଚୌଦ୍ୱାର


ସାଲେପୁର



କିଶନନଗର



ବଡ଼ମ୍ବା


ଟିଗିରିଆ

କଣ୍ଟାପଡା,୧୨।୨(ସମିସ):

କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ଭାରତ ବନ୍ଦର ଆଂଶିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ଫୁଲନଖରା-ନିଆଳି ରାଜ୍ୟ ରାଜପଥ ନଂ ୬୦ରେ ଘରୋଇ ବସକୁ ଛାଡ଼ିଦେଲେ ସରକାରୀ ବସ ସମେତ ଟ୍ରକ କାର ମୋଟର ସାଇକଲ ଚଳାଚଳ ସ୍ୱାଭାବିକ ଥିଲା। ସ୍କୁଲ କଲେଜ ମାନ ଖୋଲାଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହାର ୫୦ ପ୍ରତିଶତରୁ କମ ଥିଲା। ଓଲଟପୁର ଡାକ୍ତରଖାନାରେ ଅନ୍ୟ ଦିନ ଅପେକ୍ଷା ରୋଗୀ ସଂଖ୍ୟା କମ ଥିବା ଦେଖିବାକୁ ମିଳିଥିଲା ବେଳେ ଅଡଶପୁର ଗୋବିନ୍ଦପୁର ବଜାର ପେଟ୍ରୋଲ ପମ୍ପ ମାନ ଖୋଲା ଥିଲେ ମଧ୍ୟ କାରବାର ସେତେଟା ନ ଥିବା ଦେଖିବାକୁ ମିଳିଥିଲା।

## ନିଶ୍ଚିନ୍ତକୋଇଲି

ମିଳିତ କେନ୍ଦ୍ରୀୟ ଶମିକ ସଙ୍ଗଠନ ଏବଂ ସ୍ୱାଧୀନ ଫେଡେରେସନ ଡାକରାରେ ସର୍ବଭାରତୀୟ ଧର୍ମଘଟ ଓ ଭାରତବନ୍ଦ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଆଂଶିକ ସଫଳ ହୋଇଛି। ଗୁରୁବାର ପୂର୍ବାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ କମିଟି ପକ୍ଷରୁ ତ୍ରୈଲୋକ୍ୟ ନାଥଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଘର ଶତାଧିକ କର୍ମକର୍ତ୍ତାମାନେ ସ୍ଥାନୀୟ ଅହମ୍ମଦ ବକ୍ସ ସ୍କୁଲ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ବିଜେପି ସରକାରଙ୍କ ବିରୁଦ୍ଧରେ ନାରାବାଜି କରି ବଜାର ପରିକ୍ରମା କରିଥିଲେ। ନିଶ୍ଚିନ୍ତକୋଇଲି ବସଷ୍ଟାଣ୍ଡରେ ଏକ ପ୍ରତିବାଦ ସଭାରେ ବିଶ୍ୱ ନିରାମୟ ଶ୍ରମିକ ସଙ୍ଗଠନର ସମ୍ପାଦକ ସେଖ ଅମଜାଦ, ସେଖ ମୁଜାଫର ଅଲ୍ଲୀ, ହିମାଂଶୁ ଶେଖର ଭୂୟାଁ ପ୍ରମୁଖ ଶ୍ରମିକ ବିରୋଧି ୪ଟି ଶ୍ରମକାର୍ଡ ଆଇନର ପ୍ରତ୍ୟାହାର, ରାଷ୍ଟ୍ର ଉଦ୍ୟୋଗର ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ବନ୍ଦ, ବିଦ୍ୟୁତ ସଂଶୋଧନ ବିଲ ୨୦୨୫ର ବାତିଲ, ଘରୋଇକରଣ ସେକ୍ଟର ଆଣବିକ ଶକ୍ତି ଆଇନର ବାତିଲ ଇତ୍ୟାଦି ୧୦ ଦଫା ଦାବି ଏବଂ କୃଷକ ଶ୍ରମିକ ମାରଣାନୀତିକୁ ବିରୋଧ କରି ଡବଲ ଇଞ୍ଜିନ ସରକାରଙ୍କ ଉପରେ ବର୍ଷିଥିଲେ। ନିଶ୍ଚିନ୍ତକୋଇଲି ଅଞ୍ଚଳରେ ସମସ୍ତ ସରକାରୀ, ବେସରକାରୀ, ସ୍କୁଲ କଲେଜ, କାର୍ଯ୍ୟାଳୟ ଓ ଦୋକାନ ବଜାର ଖୋଲା ରହିଥିବା ବେଳେ କେବଳ ଯାତ୍ରୀବାହି ବସକୁ ଛାଡିଦେଲେ ଅନ୍ୟ ସମସ୍ତ ଗାଡି ମୋଟର ନିର୍ଦ୍ୱନ୍ଦ୍ୱରେ ଚଳାଚଳ ହେଉଥିବାର ଦେଖାଯାଇଥିଲା। ପୁଲିସ ପକ୍ଷରୁ କଡା ଆଇନଶୃଙ୍ଖଳା ରକ୍ଷା କରାଯାଇଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତି ଘଟି ନ ଥିବାର ଜଣାଯାଇଛି।

## ଚୌଦ୍ୱାର

ଦେଶରେ ଶ୍ରମିକ ଓ କୃଷକ ଶୋଷଣ ନୀତି ବିରୋଧରେ ଦେଶର ବିଭିନ୍ନ ଶ୍ରମିକ ସଂଗଠନ, କୃଷକ ସଂଗଠନ, ଟ୍ରେଡ ୟୁନିଅନ୍ ଏବଂ ରାଜନୈତିକ ଦଳଙ୍କ ତରଫରୁ ଆୟୋଜିତ ଭାରତ ବନ୍ଦ ଚୌଦ୍ୱାରରେ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଛି। ଚୌଦ୍ୱାର ମଧ୍ୟ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ଥିବାବେଳେ ଓଟିଏମ୍ ବଜାର, କଳିଙ୍ଗଛକ, ଗାନ୍ଧୀ ଛକ, ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ, ବଡ଼ ବଜାର, ତଳ ବଜାର, ବିରାଟ ବଜାର ଆଦିରେ ଦୋକାନ ବଜାର ବନ୍ଦ ରହିଥିଲା। ସମସ୍ତ ବ୍ୟାଙ୍କ ବନ୍ଦ ରହିଥିବାବେଳେ ଶିକ୍ଷାନୁଷ୍ଠାନ ଗୁଡ଼ିକ ଖୋଲା ରହିଥିବା ଓ ଶିକ୍ଷାଦାନ ଚାଲିଥିବା ଦେଖିବାକୁ ମିଳିଥିଲା। ଟାଙ୍ଗୀ-ଚୌଦ୍ୱାର କୃଷକ କ୍ଷେତ ମଜଦୁର ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ, ସିପିଆଇ(ଏମ୍), ବିଭିନ୍ନ ସଂଗଠନର ସଦସ୍ୟ ସଦସ୍ୟା ଏବଂ ବହୁ ସଂଖ୍ୟକ ସାଧାରଣ ଜନତା ଶୋଭାଯାତ୍ରାରେ ଚୌଦ୍ୱାର ପରିକ୍ରମା କରି ସରକାରଙ୍କ ବିଭିନ୍ନ ଜନ ବିରୋଧୀ ନୀତିର ବିରୋଧ କରି ସ୍ଲୋଗାନ ଦେଇଥିଲେ। ସରକାରଙ୍କ ବିଦ୍ୟୁତ୍ ବିଲ୍ ୨୦୨୫ ପ୍ରତ୍ୟାହାର, ସ୍ମାର୍ଟ ମିଟର ପ୍ରତ୍ୟାହାର, ବିଦ୍ୟୁତ୍ ବିଲ୍ ହ୍ରାସ କରିବା ଆଦି ପାଇଁ ପ୍ରତିବାଦ ସଭାରେ ଦୃଢ଼ ଦାବି କରାଯାଇଥିଲା।

## ସାଲେପୁର

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ ସଂହିତା, ବିହନ ବିଲ୍ ୨୦୨୫, ବିଜୁଳି ସଂଶୋଧନ ବିଲ୍ ୨୦୨୫ ଏବଂ ବିଭିଜି ରାମଜି ଆଇନ୍ ରଦ୍ଦ କରିବା ଦାବିରେ ଆଜି ଆଜି ଅଲ୍ ଇଣ୍ଡିଆ ଟ୍ରେନ୍ ୟୁନିୟନ୍ ଓ ୫ଟି ବାମପନ୍ଥୀ ଦଳ ଦେଇଥିବା ଭାରତ ବନ୍ଦ ଡାକରା ସାଲେପୁରରେ ଆଂଶିକ ସଫଳ ହୋଇଥିଲା। ସାଲେପୁରରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ଥିଲାବେଳେ ଦୋକାନ ବଜାର ଖୋଲା ରହିଥିଲା। ସେହିପରି ବ୍ୟାଙ୍କ୍ ବନ୍ଦ ଥିଲାବେଳେ ସରକାରୀ ସ୍କୁଲ କଲେଜ ଓ କାର୍ଯ୍ୟାଳୟ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ଆଜି ସାଲେପୁର ସହରରେ ସାଲେପୁରରେ ଟ୍ରେଡ୍ ୟୁନିୟନ ପକ୍ଷରୁ କର୍ମୀମାନେ ଏକାଠି ହୋଇ ମାଛୁଆତି ତାରିଣୀ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରାବାଜୀ କରି ସାଲେପୁର ବଜାର ପରିକ୍ରମା କରି କୁଆଁପାଳଛକରେ ରାସ୍ତାରୋକ କରିବା ସହ ଏକ ପ୍ରତିବାଦ ସଭା କରିଥିଲେ। ଏଥିରେ ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥି, ସିପିଆଇ ନେତା ସୁନାକର ବରାଳ, ସିପିଏମ୍ ନେତା ପିତାମ୍ବର ଲେଙ୍କା, ଏସ୍‌ୟୁସିଆଇ ନେତା ରାଜକିଶୋର ମଲ୍ଲିକ, ବାସୁଦେବ ଓଝା, ସରୋଜ ବେହେରା, ପ୍ରମୋଦ ଖୁଣ୍ଟିଆ, ସେକ୍ ରିଜୁଆନ୍, ଯୁଗଳ କିଶୋର ଦୀକ୍ଷିତ, ରଞ୍ଜନ କାଣ୍ଡି ପ୍ରମୁଖଙ୍କ ନେତୃତ୍ୱରେ ବହୁ ଶ୍ରମିକ, ରାଜନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## କିଶନନଗର

ଶ୍ରମିକ-କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ରଦ୍ଦ ଏବଂ ଅନ୍ୟାନ୍ୟ ଦାବିରେ ଦେଶବ୍ୟାପୀ କର୍ମଚାରୀ ଫେଡେରେସନ ସମୂହଙ୍କ ମିଳିତ ଆହ୍ୱାନରେ ଦେଶବ୍ୟାପୀ ଆଜି ଗୁରୁବାର ଦିନ ସାଧାରଣ ଧର୍ମଘଟ ଓ ଭାରତ ବନ୍ଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅଲ୍ ଇଣ୍ଡିଆ ୟୁନାଇଟେଡ଼ ଟ୍ରେଡ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ଏସୟୁସିଆଇ (କମ୍ୟୁନିଷ୍ଟ) କିଶନନଗର ଆଞ୍ଚଳିକ ଶାଖା ପକ୍ଷରୁ ସଂପାଦକ ଶ୍ରମିକ ନେତା ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡିଛି। ସେହିପରି କଟକ ସଦର ଅଞ୍ଚଳରେ ବନ୍ଦର ପ୍ରଭାବ ପଡି ନ ଥିବା ଜଣାଯାଇଛି।

## ବଡ଼ମ୍ବା

ଟାଟା ପାୱାର ସ୍ମାର୍ଟ ମିଟର ଲଗା ନ ଯାଉ, ଅତିରିକ୍ତ ସୁରକ୍ଷା ଜମା ରାଶି ବାତିଲ କରିବା, ମନମୁଖି ଜରିମାନା ଆଦାୟ ବନ୍ଦ, ଶୁଳ୍କ ବୃଦ୍ଧି ପ୍ରସ୍ତାବ ବାତିଲ କରିବା ଏବଂ ବିଦ୍ୟୁତ ବିଲ ୨୦୨୫ ବାତିଲ କରିବା ଦାବିରେ ଆଜି ବଡମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ ଡାକରା ଦିଆଯାଇଥିବା ବଡମ୍ବା ବନ୍ଦ ଡାକରା ସଫଳ ହୋଇଛି। ମହାସଂଘର ସଭାପତି ଚିନ୍ମାମ୍ବି ମହାନ୍ତିଙ୍କ ନେତୃତ୍ୱରେ ସକାଳ ୬ଟାରୁ ବଡମ୍ବାର ଗାନ୍ଧୀଛକ ଠାରେ ବଡମ୍ବା, ନରସିଂହପୁର ମୁଖ୍ୟ ରାସ୍ତା ୬୫ନମ୍ବର ରାଜ୍ୟ ରାଜପଥରେ ରାସ୍ତାରୋକ କରାଯାଇ ଧାରଣା ଦିଆଯାଇଥିଲା। ବନ୍ଦ ଡାକରାକୁ ସମର୍ଥନ ଜଣାଇ ବଡମ୍ବାର ମହାବୀର ବଜାର ଠାରୁ ସୁନାପାଳ ବଜାର ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର, ସମସ୍ତ ସ୍କୁଲ, କଲେଜ, ବ୍ୟାଙ୍କ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା ଓ ଗାଡି ମଟର ମଧ୍ୟ ଅପରାହ୍ନ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଅପରାହ୍ନରେ ମହାସଂଘର କର୍ମକର୍ତ୍ତାଙ୍କ ସମେତ ଶତାଧିକ ଜନସାଧାରଣ ପହଞ୍ଚି ବିକ୍ଷୋଭ କରିବା ସହିତ ବିଦ୍ୟୁତ କାର୍ଯ୍ୟାଳୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ସୂର୍ଯ୍ୟକିଶୋର ମହାନ୍ତି, ଉପଦେଷ୍ଟା ସରୋଜ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ବିବେକାନନ୍ଦ ମଲ୍ଲିକ, ବଡମ୍ବା ଓକିଲ ସଂଘର ସଭାପତି କୈଳାଶ ଜେନା, ବଡମ୍ବା ବ୍ଲକ କଂଗ୍ରେସର ସଭାପତି ଅକ୍ଷୟ କରଣ, ହାଟ ବଣିକ ସଂଘ ସଭାପତି ଶିବ ନାରାୟଣ ମିଶ୍ର, ଗାନ୍ଧିଛକ ବଜାର ସଭାପତି ଦେବରାଜ ପାଟଶାଣୀ, ଦୁର୍ଗା ବଜାର ସମ୍ପାଦକ ସରୋଜ ମିଶ୍ର, ମହାସଂଘର ସାଧାରଣ ସମ୍ପାଦକ ନିଗମାନନ୍ଦ ନାୟକ, ଉପସଭାପତି ପଞ୍ଚୁ ମଲ୍ଲିକ, ବରିଷ୍ଠ ସଦସ୍ୟ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ବଳଭଦ୍ର ପ୍ରହରାଜ, ମୃତ୍ୟୁଞ୍ଜୟ ମହାନ୍ତି, ବୃନ୍ଦାବନ ପରିଡାଙ୍କ ସମେତ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ ଓ ସଂଯୋଜକ ଦାମୋଦର ରଣା ଧନ୍ୟବାଦ ଦେଇଥିଲେ।

## ଟିଗିରିଆ

କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ୧୦ଟି ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡରେସନ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ଆଜି ଟିଗିରିଆ ବ୍ଲକରେ ପ୍ରଭାବ ଶୂନ୍ୟ ରହିଥିବା ଜଣାପଡିଛି। ପ୍ରାୟ ସମସ୍ତ ମୁଖ୍ୟ ବଜାରର ସବୁ ଦୋକାନ ଖୋଲା ରହିଥିବା ବେଳେ କେବଳ ସରକାରୀ ଓ ବେସରକାରୀ ବସ ଚଳାଚଳ ବନ୍ଦ ରହିଥିଲା। କିନ୍ତୁ କାର, ଅଟୋ ଭଳିଆ ଚାରିଚକିଆ ଯାନ ଓ ଦୁଇ ଚକିଆ ଯାନ ଅବାଧରେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। କେବଳ ବସ ସେବା ବନ୍ଦ ଥିବାରୁ ବିଭିନ୍ନ ସ୍ଥାନକୁ ଯାତାୟାତ କରିବାକୁ ଥିବା ଯାତ୍ରୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମଧ୍ୟ ଖୋଲା ରହିବା ସହ ଯଥାବିଧି କାର୍ଯ୍ୟ ସମ୍ପାଦନ ହୋଇଥିବା ଜଣାପଡିଥିବା ବେଳେ ବିଭିନ୍ନ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଉପସ୍ଥିତି କମ ଥିବାର ଦେଖିବାକୁ ମିଳିଛି।

# ବର୍ଦ୍ଧିତ ଭତ୍ତା ପାଇଁ ୮୧ ବର୍ଷୀୟା ବୃଦ୍ଧାଙ୍କ ଗୁହାରି



**ନିଶ୍ଚିନ୍ତକୋଇଲି,୧୨।୨(ସମିସ):** ସରକାର ଅସହାୟ ଓ ବୃଦ୍ଧବୃଦ୍ଧାଙ୍କ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଥିଲେ ହେଁ, କ୍ଷେତ୍ରସ୍ତରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମର ୮୧ ବର୍ଷୀୟା ବିଧବା ବଲି ରାଉତ ଏହାର ଏକ ଜ୍ୱଳନ୍ତ ଉଦାହରଣ। ସ୍ୱାମୀ ନନ୍ଦ କିଶୋର ରାଉତ ଓ ଏକମାତ୍ର ପୁତ୍ରଙ୍କ ଅକାଳ ବିୟୋଗ ପରେ ବେସାହାରା ହୋଇପଡ଼ିଥିବା ବଲିଙ୍କୁ ବର୍ତ୍ତମାନ ମାସିକ ମାତ୍ର ୧ ହଜାର ଟଙ୍କା ଭତ୍ତା ମିଳୁଛି। ମାତ୍ର ସରକାରୀ ନିୟମ ଅନୁସାରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ମିଳୁଥିବା ବର୍ଦ୍ଧିତ ଭତ୍ତା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ବୟସାଧିକ୍ୟ କାରଣରୁ ଚାଲିବାରେ କଷ୍ଟ ଅନୁଭବ କରୁଥିବା ବଲି ବର୍ଦ୍ଧିତ ଭତ୍ତା ପାଇଁ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ି ନୟାନ୍ତ ହୋଇଥିଲେ ହେଁ, କେହି ତାଙ୍କ ଗୁହାରି ଶୁଣୁ ନଥିବା ସେ ଅଭିଯୋଗ କରିଛନ୍ତି। ମହରଗ ସମୟରେ ଅଳ୍ପ ଟଙ୍କାରେ ଗୁଜୁରାଣ ମେଣ୍ଟାଇବା ତାଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ତାଙ୍କର କାଗଜପତ୍ର ଯାଞ୍ଚ କରାଯାଇ ତୁରନ୍ତ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଗ୍ରାମବାସୀ ଓ ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

# ବେଆଇନ ଖଣି ଓ କ୍ରସର ଉପରେ ମିଳିତ ଚଢ଼ଉ



ଟିଗିରିଆ,୧୨।୨(ସମିସ): ଟିଗିରିଆ ବ୍ଲକ ଅଧୀନ ଭେଜିଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ବେଆଇନ ଖଣି ଓ କ୍ରସର ଗୁଡ଼ିକ ଉପରେ ଗୁରୁବାର ପ୍ରଶାସନ ପକ୍ଷରୁ ଏକ ମିଳିତ ଚଢ଼ଉ କରାଯାଇଛି। ଟିଗିରିଆ ତହସିଲଦାର ଅକ୍ଷୟ ପରିଡ଼ା ଓ ଥାନା ଭାରପ୍ରାପ୍ତ ଅଧିକାରୀ ଇପ୍ସିତା ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ରାଜସ୍ୱ, ପ୍ରଦୂଷଣ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଓ ଖଣି ବିଭାଗର ଅଧିକାରୀମାନେ ବିଭିନ୍ନ କ୍ରସର ୟୁନିଟ୍‌ର ସ୍ଥିତି ଯାଞ୍ଚ କରିଥିଲେ। ପ୍ରଦୂଷଣ ବିଭାଗ ପକ୍ଷରୁ ଖଣିଜ ଧୂଳି ଯୋଗୁଁ ଚାଷଜମି ଓ ଜଳ ଉତ୍ସ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ତେବେ ଏହି ଚଢ଼ଉକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୋଗ ହେଉଛି ଯେ, ଚଢ଼ଉ ସମ୍ପର୍କରେ ଖଣି ମାଫିଆମାନେ ପୂର୍ବରୁ ସୂଚନା ପାଇ ସତର୍କ ହୋଇଯାଇଥିଲେ। ବାରମ୍ବାର ଚଢ଼ଉ ଓ ସିଲ୍ କରାଯାଉଥିଲେ ମଧ୍ୟ କିଛି ଦିନ ପରେ ମୋଟା ଅଙ୍କର ଉତ୍କୋଚ ବଦଳରେ ପୁଣି ଖଣି ଚାଲୁଛି। ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି ଯେ, ଶାଗୁଆନ ଖଟ, ନୂଆପାଟଣୀ ପାଟ ଓ ଗାନ୍ଧୀମୁଣ୍ଡିଆ ନୋଟ୍ ଲୋଭରେ ପ୍ରଶାସନିକ ଅଧିକାରୀମାନେ ଜାଣିଶୁଣି ଏଭଳି ନାଟକ କରୁଛନ୍ତି। ଗତ ୨ ତାରିଖରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ପରେ ମଧ୍ୟ ବିଳମ୍ବିତ ରାତିରୁ ସକାଳ ପର୍ଯ୍ୟନ୍ତ ଶହ ଶହ ଗାଡ଼ିରେ ଖଣିଜ ସମ୍ପଦ ଲୁଟ୍ ଚାଲିଛି।

# ଫଳ ବ୍ୟବସାୟୀଙ୍କ ଆତ୍ମହତ୍ୟା

**ସାଲେପୁର,୧୨।୨(ସମିସ):** ସାଲେପୁର ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ତଥା ସମାଜସେବୀ ସନାତନ ଭୂୟାଁ ଆଜି ନିଜ ଦୋକାନ ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ୍ ଅନ୍ତର୍ଗତ ଲୁଣାହାର ଗ୍ରାମର ସନାତନ ଭୂୟାଁ (୫୩) ସାଲେପୁର ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ନିଜ ଫଳ ଦୋକାନ ଗୃହ ମଧ୍ୟରେ ବେକରେ ରଶି ଲଗାଇ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ସାଲେପୁର ପୁଲିସକୁ ଖବର ଦେଇଥିଲେ। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଉଦ୍ଧାର କରି ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ଶୋକାକୂଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କର ଏକମାତ୍ର ପୁତ୍ର ଆଶୁତୋଷ ଭୂୟାଁ ତାଙ୍କୁ ମୁଖାଗ୍ନି ଦେଇଥିଲେ। ତାଙ୍କ ଶବାଧାରରେ ଶହସ୍ରାଧିକ ଲୋକ ସାମିଲ ହୋଇଥିବାବେଳେ ତାଙ୍କର ବିୟୋଗରେ ଆଜି ସେଣ୍ଟ୍ରାଲ ମାର୍କେଟ୍‌ର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ସାଲେପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ କଟକର ୟଙ୍ଗ ଉତ୍କଳ କ୍ଲବ୍



**ସାଲେପୁର,୧୨।୨(ସମିସ):** ସାଲେପୁର ହାଇସ୍କୁଲ ପଡ଼ିଆରେ ସାଲେପୁର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ୍ ୟଙ୍ଗ ଉତ୍କଳ କଟକ ଓ ଡାଏମଣ୍ଡ ଫୁଟବଲ୍ କ୍ଲବ୍ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟଙ୍ଗ ଉତ୍କଳ କଟକ ୧-୦ ଗୋଲରେ ଡାଏମଣ୍ଡ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଆଜି ପ୍ରଥମ ସେମିଫାଇନାଲ ଖେଳକୁ କଂଗ୍ରେସ ନେତା ହରିବନ୍ଧୁ ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ହଳଧର ସାହୁ, ଆଇନ୍‌ଜୀବୀ ବିଜୟ କେତନ ନାୟକ, ପୂର୍ବତନ ଅଧ୍ୟକ୍ଷ ରବିନ୍ଦ୍ର ନାଥ କର, ମିହିର ଜେନା, ସ୍ପୋର୍ଟସ ଏକାଡେମୀର ଉପଦେଷ୍ଟା ସାମ୍ବାଦିକ ଅକ୍ଷୟ ଦାଶ, କେନ୍ଦ୍ରାପଡ଼ା ଲକି ସ୍ପୋର୍ଟିଂ କ୍ଲବ୍‌ର ସଭାପତି ସଲିମ୍ ଖାନ୍, ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କର ଉପସ୍ଥିତ ଥିଲେ। ଆଜିର ଏହି ଖେଳକୁ ରେଫରୀ ଭାବେ ସଞ୍ଜୀବ କୁମାର, ଲକି ହେମ୍ବ୍ରମ୍, ପ୍ରଦୀପ୍ତ ମହାନ୍ତି ଓ ରସାନନ୍ଦ ସାମଲ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ସ୍ପୋର୍ଟସ ଏକାଡେମୀର ଉପାଧ୍ୟକ୍ଷ ମିହିର ଜେନା, ସେଖ୍ ଗିନି, ପ୍ରସନ୍ନ ମଲ୍ଲ, ପରବେଶ ଅଲ୍ଲୀ, ଗୋପବନ୍ଧୁ ଭୂୟାଁ, ଇଂ.ବିଭୁତିଭୂଷଣ ପାତ୍ର, ଅଶୋକ ସେଠୀ, କୃଷ୍ଣଚନ୍ଦ୍ର ଦାସ, ଆର.ଆପ୍ପାରାଓଙ୍କ ସମେତ ବହୁ କ୍ରୀଡ଼ା ସଂଗଠକ ଉପସ୍ଥିତ ରହିଥିଲେ।

## ■ ମାହାଙ୍ଗା ବିକାଶ ପାଇଁ ବିଧାୟକଙ୍କ ସମୀକ୍ଷା ବୈଠକ

# ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ତଦାରଖ




କଟକ,୧୨।୨(ସମିସ):

ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ପୂର୍ବାହ୍ନରେ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ଭଳି ମୌଳିକ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ବିଶେଷ କରି ନିର୍ବାଚନ ମଣ୍ଡଳୀରେ ଶିକ୍ଷକ ପଦବୀ ପୂରଣ, ବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ ଏବଂ ରାସନ କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ଜନିତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଧାୟକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଚାଷୀମାନଙ୍କ ପାଇଁ ଉପଯୁକ୍ତ ଜଳସେଚନ, ନିରପେକ୍ଷ ଭାବେ ବିହନ ବଣ୍ଟନ ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଓ କାମଧେନୁ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ରାସ୍ତା ନିର୍ମାଣ, ଡ୍ରେନେଜ୍ ସମସ୍ୟା ଯୋଗୁଁ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟାର ପ୍ରତିକାର ଏବଂ ଟିପିସିଓଡିଏଲ ପକ୍ଷରୁ ବିଦ୍ୟୁତ ଖୁଣ୍ଟ ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳରେ "ମୁଖ୍ୟମନ୍ତ୍ରୀ ବସ୍ ସେବା'ର ସମୟ ପରିବର୍ତ୍ତନ ଓ ନୂତନ ରହଣିସ୍ଥଳ ନେଇ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, କମଳଜିତ୍ ଦାସ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ● ଜିଲ୍ଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା

# ଭାଲିଆବାଡିକୁ ହରାଇ ଫାଇନାଲରେ ମେଣ୍ଢାଶାଳ

**ଟିଗିରିଆ,୧୨।୨(ସମିସ):** ଟିଗିରିଆ ବ୍ଲକ ଅଧୀନ ପୁରୁଣା ଟିଗିରିଆ ସନରାଇଜ କ୍ରିକେଟ ଆସୋସିଏସନ ଖେଳ ପଡ଼ିଆରେ ଚାଲିଥିବା ୩୨ ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ଆୟୋଜିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧାର ଭାଲିଆବାଡ଼ି କ୍ରିକେଟ କ୍ଲବକୁ ୩ୱିକେଟରେ ପରାସ୍ତ କରି ମେଣ୍ଢାଶାଳର ଇଏସସି କ୍ରିକେଟ କ୍ଲବ ଅନ୍ତିମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆଜିର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଭାଲିଆବାଡ଼ି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲେ। ପ୍ରତି ଜବାବରେ ମେଣ୍ଢାଶାଳ ଦଳ ୧୯.୫ ଓଭରରେ ୭ଟି ୱିକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ପଞ୍ଚାୟତର ପୂର୍ବତନ ରାଜ୍ୟସ୍ତରୀୟ ଫୁଟବଲ ଖେଳାଳୀ ଜଳନ୍ଧର ରଣା ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ତପନ ରାଉତ ଓ ଉଦିତ ମହାନ୍ତି ପରିଚାଳନା କରିଥିଲେ। ଆସନ୍ତା ୧୪ ତାରିଖ ଦିନ ଅଟ୍ରିର ପିୱାଇସି କ୍ରିକେଟ କ୍ଲବ ଓ ଆଜିର ବିଜେତା ମେଣ୍ଢାଶାଳ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।



# ମୁକ୍ତାନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନରସିଂହପୁର,୧୨।୨(ସମିସ):** ନରସିଂହପୁର ବ୍ଲକ ଅଧୀନ ମୁକ୍ତାନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନୀତ ଅତିଥି ରୂପେ ଶିକ୍ଷାବିତ ବିନାୟକ ମିଶ୍ର, ଆଲୋକ ସାହୁ, ଅତିରିକ୍ତ ଶିକ୍ଷା ଜିଲ୍ଲା ଅଧିକାରୀ ମନୋରଞ୍ଜନ ବାରିକ, ଅଭିଜିତା ଭାସ୍କର, ସନ୍ତୋଷ କୁମାର ସେଠୀ, ନରସିଂହପୁର ବ୍ଲକ ଶିକ୍ଷା ଅଧିକାରିଣୀ ସୁଶ୍ରୀ ଲୋପାମୁଦ୍ରା ରାଉତରାୟ, ବାଲିସାହି ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ସେଠୀ, ସମିତିସଭ୍ୟା ମନୋରମା ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ବିବେକାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସମର କେଶରୀ ରାଉଳ ମଞ୍ଚ ପରିଚାଳନା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୭୧ • ପାଉଣ୍ଡ ୧୨୪.୧୬
- ୟୁରୋ ୧୦୮.୦୫ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୫,୨୦୦ (ଭୁବନେଶ୍ୱର)
- ରୁପା : ୨,୮୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୬୭୪.୦୦
- ନିଫ୍ଟି ୨୫,୮୦୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଜମା ମନ୍ଥର; ଜୋରରେ ବଢୁଛି ବ୍ୟାଙ୍କ ଆୟ

ନୂଆଦିଲ୍ଲୀ,୧୨।୨(ଏଜେନ୍ସି): ଆର୍ଥିକ କ୍ଷେତ୍ରରେ ଦୀର୍ଘ ସମୟ ଧରି ମାନ୍ଦାବସ୍ଥା ପରେ, ଏବେ ଆର୍ଥିକ କ୍ଷେତ୍ରରେ ଚିତ୍ର ପରିବର୍ତ୍ତନ ହେଉଥିବା ପରି ମନେ ହେଉଛି। ଆକ୍ସିସ୍ ଡାଇରେକ୍ଟରୁ ଆସିଥିବା ସଦ୍ୟତମ ରିପୋର୍ଟ ଦର୍ଶାଉଛି ଯେ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଏବଂ ଆର୍ଥିକ କମ୍ପାନୀଗୁଡ଼ିକ ଅଭିବୃଦ୍ଧିର ସ୍ପଷ୍ଟ ସଙ୍କେତ ଦେଖାଉଛନ୍ତି। ଋଣ ବୃଦ୍ଧି ଦୃଢ଼, ମାର୍ଜିନ୍ ସ୍ଥିର, ଏବଂ ସମ୍ପତ୍ତି ଗୁଣବତ୍ତା ଉନ୍ନତ ହେବା ରୋଜଗାରକୁ ସମର୍ଥନ କରୁଛି। ତୃତୀୟ ତ୍ରୈମାସିକରେ ବ୍ୟାଙ୍କ ଋଣ ବୃଦ୍ଧି ଆଶାଠାରୁ ଭଲ ଥିଲା। ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ଘରୋଇ ବ୍ୟାଙ୍କଗୁଡ଼ିକୁ ଏଥିରେ ପଛରେ ପକାଇ ଦେଇଛନ୍ତି। ଖୁଚୁରା ଋଣ, ବିଶେଷକରି ଗୃହ ଋଣ, ସୁନା ଋଣ ଏବଂ ସୁରକ୍ଷିତ ଏସ୍‌ଏମ୍‌ଇ ସେଗମେଣ୍ଟ, ଅଭିବୃଦ୍ଧିକୁ ବାହ୍ୟ କରିଥିଲା। ରିପୋର୍ଟ ଅନୁଯାୟୀ, ଅସୁରକ୍ଷିତ ଋଣ କ୍ଷେତ୍ରର ସ୍ଥିତିରେ ମଧ୍ୟ ଉନ୍ନତିର ସଙ୍କେତ ଦେଖାଯାଉଛି। ଋଣଦାତାମାନେ ଆଶା କରୁଛନ୍ତି ଯେ ଆଗାମୀ ତ୍ରୈମାସିକରେ ଆବଣ୍ଟନ ତ୍ୱରାନ୍ୱିତ ହେବ।

ବ୍ୟାଙ୍କରେ ଜମା ବୃଦ୍ଧି ଋଣ ବୃଦ୍ଧି ଅପେକ୍ଷା ମନ୍ଥର ହୋଇଛି, ଯାହା ଫଳରେ ବ୍ୟାଙ୍କଗୁଡ଼ିକର ଋଣ ଜମା



## ଋଣ ଯୋଗାଣ ବଢୁଛି | କାସା ଜମା ଦୁର୍ବଳ

ଅର୍ଥକୁ ଅତିକ୍ରମ କରିଯାଇଛି। କାସା ଜମା ମଧ୍ୟ ସାମାନ୍ୟ ଦୁର୍ବଳ ରହିଛି, ତେଣୁ ବ୍ୟାଙ୍କଗୁଡ଼ିକ ଏବେ କମ୍ ଖର୍ଚ୍ଚରେ ପାଣ୍ଠି ସଂଗ୍ରହ ଉପରେ ଧ୍ୟାନ ଦେଉଛନ୍ତି। ସୁଧ ଆୟ ପ୍ରାୟ ସ୍ଥିର ରହିଛି। ବଡ଼ ବ୍ୟାଙ୍କଗୁଡ଼ିକରେ ସାମାନ୍ୟ ପରିବର୍ତ୍ତନ ଦେଖାଦେଇଛି, ଯେତେବେଳେ କି ମଧ୍ୟମ ଆକାରର ଏବଂ ଛୋଟ ବ୍ୟାଙ୍କଗୁଡ଼ିକର ଆୟରେ ସାମାନ୍ୟ ଉନ୍ନତି ଘଟିଛି। ଭବିଷ୍ୟତରେ ମୂଲ୍ୟ ନିୟନ୍ତ୍ରଣ ଦ୍ୱାରା ମାର୍ଜିନକୁ ସମର୍ଥନ କରାଯାଇପାରେ। ନୂତନ ଅନାଦାୟ ଋଣ ସମସ୍ୟା ହ୍ରାସ ପାଇଛି ଏବଂ ଅସୁରକ୍ଷିତ ଋଣ ଉପରେ ଚାପ ମଧ୍ୟ କମିଛି। ଉନ୍ନତ ଋଣ ପୁନରୁଦ୍ଧାର ଏବଂ ସମୟାନୁସାରେ କିସ୍ତି ପରିଶୋଧ ବ୍ୟାଙ୍କଗୁଡ଼ିକର ସ୍ଥିତିକୁ ସୁଦୃଢ଼ କରିଛି।

ଏନ୍‌ବିଏଫ୍‌ସି କମ୍ପାନୀଗୁଡ଼ିକରେ ଋଣ ପରିମାଣ ଏବଂ ମୋଟ ବ୍ୟବସାୟ ଉଭୟ ଉନ୍ନତ ହୋଇଥିଲା। ଯାନବାହାନ, ସୁନା ଏବଂ ଅନ୍ୟାନ୍ୟ ଆର୍ଥିକ କମ୍ପାନୀଗୁଡ଼ିକ ଏହି ଅଭିବୃଦ୍ଧିକୁ ସମର୍ଥନ କରିଥିଲେ। ମାଇକ୍ରୋଫାଇନାନ୍ସ କାର୍ଯ୍ୟ ମଧ୍ୟ ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଛି। କମ୍ ପାଣ୍ଠି ଖର୍ଚ୍ଚ ଏବଂ ଉନ୍ନତ ଋଣ ଅଂଶ ଯୋଗୁଁ ମାର୍ଜିନ ମଜବୁତ ହୋଇଥିଲା। ତଥାପି, କିଛି କମ୍ପାନୀ ପାଇଁ ଆୟ ଏକକାଳୀନ ଅତିରିକ୍ତ ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ହୋଇଥିଲା। ଏସ୍‌ବିଆଇ କାର୍ଡଗୁଡ଼ିକ ନୂତନ ଗ୍ରାହକ ଯୋଡ଼ିବା ପାଇଁ ଏକ ସତର୍କ ଆଭିମୁଖ୍ୟ ବଜାୟ ରଖିଥିଲା, କିନ୍ତୁ ଖର୍ଚ୍ଚ ବୃଦ୍ଧି ଦୃଢ଼ ରହିଥିଲା। ସମ୍ପତ୍ତି ଗୁଣବତ୍ତା ଉନ୍ନତ ହୋଇଥିଲା ଏବଂ କ୍ରେଡିଟ୍ ଖର୍ଚ୍ଚ ହ୍ରାସ ପାଇଥିଲା।

# ଦେଶର ବଡ଼ ସହରକୁ ଯୋଡ଼ିବ ୭ ନୂଆ ହାଇସ୍ପିଡ୍ ରେଳ କରିଡର୍

ନୂଆଦିଲ୍ଲୀ,୧୨।୨(ଏଜେନ୍ସି): ଦୀର୍ଘକାଳୀନ ଦୃଷ୍ଟିକୋଣର ଅଂଶ ସ୍ୱରୂପ, ସରକାର ପରିବେଶଗତ ଭାବରେ ଦୀର୍ଘସ୍ଥାୟୀ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ଅଭିବୃଦ୍ଧି ସଂଯୋଗକାରୀ ଭାବରେ ସହରଗୁଡ଼ିକ ମଧ୍ୟରେ ୭ଟି ହାଇ-ସ୍ପିଡ୍ ରେଳ କରିଡର ବିକାଶ କରିବାକୁ ଘୋଷଣା କରିଛନ୍ତି। ଏହି କରିଡରଗୁଡ଼ିକ ମଧ୍ୟରେ ମୁମ୍ବାଇ-ପୁଣେ, ପୁଣେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ-ଚେନ୍ନାଇ, ଚେନ୍ନାଇ-ବେଙ୍ଗାଲୁରୁ, ଦିଲ୍ଲୀ-ବାରାଣସୀ ଏବଂ ବାରାଣସୀ-ସିଲିଗୁଡ଼ି ଅନ୍ତର୍ଭୁକ୍ତ। ପ୍ରସ୍ତାବିତ କରିଡରଗୁଡ଼ିକ ଆନ୍ତଃ-ସହର ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିବ ଏବଂ ଯାତ୍ରୀମାନଙ୍କର ସୁଗମ, ବହୁମୁଖୀ ଗତିବିଧିକୁ ସହଜ କରିବ ବୋଲି ଆଶା କରାଯାଉଛି। ନୂତନ କରିଡର ଘୋଷଣା ସହିତ, ରେଳ-ଆଧାରିତ ପରିବହନ ଇକୋସିଷ୍ଟମରେ ଏକ ଆଦର୍ଶ ପରିବର୍ତ୍ତନ ହେବାର ଆଶା କରାଯାଉଛି। ଦକ୍ଷିଣ ଭାରତରେ, ଚେନ୍ନାଇ-ବେଙ୍ଗାଲୁରୁ- ହାଇଦ୍ରାବାଦ ହାଇ-ସ୍ପିଡ୍ ନେଟୱାର୍କ ଏକ ଦକ୍ଷିଣ ହାଇ-ସ୍ପିଡ୍ ତ୍ରିଭୁଜ (ବା ଡାଇମଣ୍ଡ) ଗଠନ କରିବ, ଯାହା ପ୍ରମୁଖ ଆର୍ଥିକ ଏବଂ ଆଇଟି ହବ୍‌ଗୁଡ଼ିକୁ ଯୋଡ଼ିବ।



ଏହି ହାଇ-ସ୍ପିଡ୍ କରିଡର ନିର୍ମାଣ ହେଲେ ଚେନ୍ନାଇରୁ ବେଙ୍ଗାଲୁରୁକୁ ପ୍ରାୟ ୧ ଘଣ୍ଟା ୧୩ ମିନିଟ୍,ବେଙ୍ଗାଲୁରୁରୁ ହାଇଦ୍ରାବାଦକୁ ପ୍ରାୟ ୨ ଘଣ୍ଟା ଏବଂ ଚେନ୍ନାଇ-ହାଇଦ୍ରାବାଦ ପ୍ରାୟ ୨ ଘଣ୍ଟା୫୫ ମିନିଟ୍ ସମୟ ଲାଗିବ। ଏହି ନେଟୱର୍କ କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ,ତାମିଲନାଡୁ, କେରଳ ଏବଂ ପୁଡୁଚେରୀ ପାଇଁ ଏକ ଶକ୍ତିଶାଳୀ ଅଭିବୃଦ୍ଧି ଗୁଣକ ଭାବରେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି, ଯାହା ଆଞ୍ଚଳିକ ବିକାଶକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

# ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅନୁଗୋଳରେ '୫୧ ମେଗା ଲକ୍ଷପତି ଡ୍ର'

ଭୁବନେଶ୍ୱର,୧୨।୨(ସମିସ): ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅନୁଗୋଳର ବିଜୁ ମଇଦାନଠାରେ ୫୧ ମେଗା ଲକ୍ଷପତି ଡ୍ର' କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପ୍ରତିଷ୍ଠାନ ପକ୍ଷରୁ ୫୧ ଜଣ ଭାଗ୍ୟଶାଳୀ କୁପନଧାରୀ ଗ୍ରାହକଙ୍କୁ ଲକ୍ଷପତି ହେବାର ସର୍ବୋତ୍ତମ ସୁଯୋଗ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ ଓଡ଼ିଆ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ



ଯେ, ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ନିରନ୍ତର ଭଲପାଇବା ପାଇଁ ହିଁ ଅରୁନ୍ଧତୀ ଜୁଏଲର୍ସ ଆଜି ସଫଳତାର ଶୀର୍ଷକୁ ଛୁଇଁ ପାରିଛି। ଏଥିପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏହିପରି ଆକର୍ଷଣୀୟ ଅଫର ଏବଂ ନିଷ୍ଠାପର ସେବା ଯୋଗାଇ ଦେବାକୁ ପୂରା ଅରୁନ୍ଧତୀ ପରିବାର ପ୍ରତିଶ୍ରୁତିବଦ୍ଧ ଥିବା କହିଥିଲେ। ଉପସ୍ଥାପିକା ରୋଜାଲିନ୍ ମଞ୍ଚ ପରିଚାଳନା କରିଥିବାବେଳେ କଣ୍ଠଶିଳ୍ପୀ ନାଭ୍ୟାଙ୍କ ସଙ୍ଗୀତ ପରିବେଷଣ କରିଥିଲେ।

## ମାଲ୍ୟାଙ୍କୁ ବମ୍ବେ ହାଇକୋର୍ଟଙ୍କ ଭର୍ତ୍ସନା

# ଭାରତ ନ ଫେରିବା ଯାଏଁ ହେବନି ଆବେଦନର ଶୁଣାଣି

ମୁମ୍ବଇ,୧୨।୨(ଏଜେନ୍ସି): ପଳାତକ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ବମ୍ବେ ହାଇକୋର୍ଟରୁ ବଡ଼ ଝଟ୍‌କା ଲାଗିଛି। ଗୁରୁବାର ବମ୍ବେ ହାଇକୋର୍ଟ ଚେତାବନୀ ଦେଇ କହିଛନ୍ତି ଯେ, ମାଲ୍ୟା ଯେ ପର୍ଯ୍ୟନ୍ତ ଭାରତ ଫେରି ନାହାଁନ୍ତି, ସେ ପର୍ଯ୍ୟନ୍ତ ସେ ଦାୟର କରିଥିବା ଆବେଦନ ଉପରେ ଶୁଣାଣି କରାଯିବନାହିଁ। ପଳାତକ ଅର୍ଥନୈତିକ ଅପରାଧୀ ଆଇନର ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ମାଲ୍ୟାଙ୍କ ଆବେଦନର ଜବାବରେ ହାଇକୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ଚନ୍ଦ୍ରଶେଖର ଏବଂ ଜଷ୍ଟିସ୍ ଗୌତମ ଆଙ୍ଖରଙ୍କ ଖଣ୍ଡପୀଠ କହିଛନ୍ତି ଯେ ମାଲ୍ୟା ପ୍ରଥମେ ସ୍ପଷ୍ଟ କରନ୍ତୁ ଯେ ସେ ଭାରତ ଫେରିବେ କି ନାହିଁ।

ବମ୍ବେ ହାଇକୋର୍ଟ କହିଛନ୍ତି, ମାଲ୍ୟା ଫେରିବା ଉଚିତ୍। ଯଦି ଆପଣ ଫେରିପାରିବେନାହିଁ, ତେବେ ଆମେ ଏହି ଆବେଦନର ଶୁଣାଣି କରିପାରିବୁ ନାହିଁ। ବିଜୟ ମାଲ୍ୟା ୨୦୧୬ ମସିହାରୁ ୟୁକେରେ ରହୁଛନ୍ତି। ସେ ହାଇକୋର୍ଟରେ ଦୁଇଟି ଆବେଦନ ଦାୟର କରିଛନ୍ତି। ଏଥିମଧ୍ୟରୁ ଗୋଟିଏରେ ସେ ତାଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରିବା ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ, ଯେତେବେଳେ ଦ୍ୱିତୀୟ ଆବେଦନରେ ସେ ୨୦୧୮ ଆଇନର ସାମ୍ବିଧାନିକତା ଉପରେ ପ୍ରଶ୍ନ ଉଠାଇଥିଲେ।

ମଦ ବ୍ୟବସାୟୀ ମାଲ୍ୟା (୭୦) ଠକେଇ ଏବଂ ମନି ଲଣ୍ଡରିଂ ଅଭିଯୋଗରେ ଭାରତରେ



ଅନେକ ମାମଲା ସାମ୍ନା କରୁଛନ୍ତି। ଖଣ୍ଡପୀଠ ଫେବୃଆରୀ ୧୮ ପାଇଁ ଆବେଦନର ଶୁଣାଣି ସ୍ଥିର କରି କହିଛନ୍ତି ଯେ ଏହା ମାଲ୍ୟାଙ୍କୁ ସ୍ପଷ୍ଟ କରିବା ପାଇଁ ଆଉ ଏକ ସୁଯୋଗ ଦେଉଛି ଯେ ସେ ଭାରତ ଫେରିବାକୁ ଇଚ୍ଛୁକ କି ନାହିଁ। କୋର୍ଟ କହିଛନ୍ତି, ଆମକୁ ରେକର୍ଡରେ ରେକର୍ଡ କରିବାକୁ ପଡ଼ିପାରେ ଯେ ଆପଣ କୋର୍ଟ ପ୍ରକ୍ରିୟାକୁ ଏଡ଼ାଇ ଯାଉଛନ୍ତି। ଆପଣ ପ୍ରକ୍ରିୟାର ସୁଯୋଗ ନେଇପାରିବେ ନାହିଁ। ଆମେ ଆବେଦନକୁ ଖାରଜ କରୁନାହୁଁ ବରଂ ଆପଣଙ୍କୁ ଆଉ ଏକ ସୁଯୋଗ ଦେଉଛୁ। ୨୦୨୫ ଡିସେମ୍ବରରେ ଶୁଣାଣିରେହାଇକୋର୍ଟ ସ୍ପଷ୍ଟ କରିଥିଲେ ଯେ ମାଲ୍ୟା ଭାରତ ଫେରିଲେ ହିଁ ଆବେଦନର ଶୁଣାଣି କରିବେ। ଖଣ୍ଡପୀଠ ଗୁରୁବାର କହିଛନ୍ତି ଯେ ବ୍ୟବସାୟୀଙ୍କୁ ଏକ ସତ୍ୟପାଠ ଦାଖଲ କରିବାକୁ ପଡିବ ଯେଉଁଥିରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିବ ଯେ ସେ ଭାରତ ଫେରିବେ କି ନାହିଁ।

# ଆର୍‌ସିବିର ମହିଳା ଖେଳାଳିଙ୍କୁ ବଜାଜ୍ ଅଟୋର ନ୍ୟୁ ଚେତକ୍ ସି୨୫ ଉପହାର

Chetak

ଭୁବନେଶ୍ୱର,୧୨।୨(ସମିସ): ଦୁଇ ଚକିଆ ଏବଂ ତିନି ଚକିଆ ନିର୍ମାତା ବଜାଜ୍ ଅଟୋ ଲିମିଟେଡ୍ ଚଳିତ ବର୍ଷର ମହିଳା ଟି-୨୦ ଲିଗ୍‌ରେ ବିଜୟ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)ମହିଳା ଦଳକୁ ଅଭିନନ୍ଦନ ଜଣାଇଛି। କମ୍ପାନୀ ବିଜୟୀ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ଏକ ସମ୍ପୂର୍ଣ୍ଣ ନ୍ୟୁ ଚେତକ୍ ସି୨୫ ଉପହାର ଦେବ। ଏହି ସ୍ମରଣୀୟ ସିଜନ୍‌ରେ ଚେତକ ଆର୍‌ସିବି ମହିଳା ଦଳର ସରକାରୀ ରାଇଡ୍ ପାର୍ଟନର ଭାବରେ କାର୍ଯ୍ୟ କରିଥିଲା। ଚେତକ ସି୨୫ ହେଉଛି ଚେତକ ରେଞ୍ଜର ନୂତନ ମଡେଲ୍, ଯାହା ଦ୍ରୁତ ଗତିଶୀଳ ସହରାଞ୍ଚଳ ଜୀବନକୁ ସୁହାଇବା ପାଇଁ ବିକଶିତ ହୋଇଛି। ଏହି ଅବସରରେ ବଜାଜ ଅଟୋ ଲିମିଟେଡର ମାର୍କେଟିଂ ସଭାପତି ସୁମିତ ନାରଙ୍ଗ କହିଛନ୍ତି, ୨୦୨୬ ରେ ଐତିହାସିକ ବିଜୟ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମହିଳା ଦଳକୁ ହାର୍ଦ୍ଦିକ ଅଭିନନ୍ଦନ। ସେମାନଙ୍କର ଦୃଢ଼ତା ଏବଂ ଆତ୍ମବିଶ୍ୱାସ ଚେତକଙ୍କ ମୂଲ୍ୟବୋଧ ସହିତ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ ହୁଏ। ଏହି ସହଭାଗୀତା ଆମର ଦୃଢ଼ ଐତିହ୍ୟକୁ ନୂତନ ପିଢ଼ିର ମହତ୍ତ୍ୱାକାଂକ୍ଷା ସହିତ ମିଶ୍ରଣ କରେ।

## କର୍ମଚାରୀଙ୍କୁ ଗୁଗଲ୍‌ର କଡ଼ା ନିର୍ଦ୍ଦେଶ

# ଏଆଇ ଅଭ୍ୟସ୍ତ ହୁଅ; ନଚେତ ଚାକିରି ଛାଡ଼

ନୂଆଦିଲ୍ଲୀ,୧୨।୨(ଏଜେନ୍ସି): ଏଆଇର ବଢୁଥିବା ପ୍ରାଧାନ୍ୟ ଓ ପରିବର୍ତ୍ତିତ ଟେକ୍ନୋଲୋଜି ଦୁନିଆରେ ଗୁଗଲ୍ ଏକ ବଡ଼ ପଦକ୍ଷେପ ନେଇଛି। ଗୁଗଲ ଏହାର ବୈଶ୍ୱିକ ବ୍ୟାପାର ସଂଗଠନ କର୍ମଚାରୀଙ୍କ ପାଇଁ ଏକ ସ୍ୱେଚ୍ଛାକୃତ ପ୍ରସ୍ଥାନ ପ୍ୟାକେଜ୍ (ଭିଇପି) ଘୋଷଣା କରିଛି। ଗୁଗଲର ମୁଖ୍ୟ ବ୍ୟବସାୟ ଅଧିକାରୀ ଫିଲିପ୍ ସେଣ୍ଡଲର୍ ସ୍ପଷ୍ଟ କରିଛନ୍ତି ଯେ କର୍ମଚାରୀମାନଙ୍କୁ ଏଆଇ ମିଶନ ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ ହେବା ଆବଶ୍ୟକ। କମ୍ପାନୀ ଏବେ କେବଳ ସେହି ବୃତ୍ତିଗତମାନଙ୍କୁ ନେଇ ଆଗକୁ ବଢ଼ିବାକୁ ଚାହୁଁଛି, ଯେଉଁମାନେ ଗୁଗଲର 'ଏଆଇ-ଫାର୍ଟ' ମିଶନ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ପରିବର୍ତ୍ତିତ ପରିବେଶ ସହିତ ଖାପ ଖୁଆଇ ପାରୁ ନ ଥିବା କର୍ମଚାରୀମାନଙ୍କୁ କମ୍ପାନୀ ଛାଡିବାର ସୁଯୋଗ ପ୍ରଦାନ କରାଯାଉଛି। ଗତ ବର୍ଷକ ମଧ୍ୟରେ ଏହା ଗୁଗଲର ତୃତୀୟ ଏପରି ପଦକ୍ଷେପ, ଯେଉଁଥିରେ ବାଧ୍ୟତାମୂଳକ ଛଟେଇ କଥା କୁହାଯାଇଛି।



ରିପୋର୍ଟ ଅନୁଯାୟୀ, ଗୁଗଲର ମୁଖ୍ୟ ବ୍ୟବସାୟ ଅଧିକାରୀ ଫିଲିପ୍ ସେଣ୍ଡଲର ଏକ ଆଭ୍ୟନ୍ତରୀଣ ମେମୋରେ କହିଛନ୍ତି ଯେ ଗ୍ଲୋବାଲ୍ ବିଜନେସ୍ ଅର୍ଗାନାଇଜେସନ୍ ୟୁନିଟ୍‌ର କିଛି କର୍ମଚାରୀସ୍ୱେଚ୍ଛାକୃତ ଭାବରେ କମ୍ପାନୀ ଛାଡିବାକୁ ବାଛିପାରନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ କର୍ମଚାରୀଙ୍କୁ ଏଆଇ (ଆଇ-ଫାଷ୍ଟ)କୁ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରି ଆହୁରି ଅଧିକ ପ୍ରଭାବଶାଳୀ ହେବାକୁ ଏଥିପାଇଁ ଆଗ୍ରହୀ ନ ଥିବା କର୍ମଚାରୀଙ୍କ ପାଇଁ କମ୍ପାନୀ ଏକ ବିକଳ୍ପ ପ୍ରଦାନ କରୁଛି, ଯେଉଁଥିରେ ଛଟେଇ ବଦଳରେ କ୍ଷତିପୂରଣ ଦିଆଯିବ।

# ଗଞ୍ଜାମରେ ନିର୍ମାଣ ହେବ ୩୦୦ କୋଟିର ଡ୍ରୋନ୍ ଉତ୍ପାଦନ ହବ୍

## 'ଆଇଜି ଡିଫେନ୍ସ'କୁ ଓଡ଼ିଶା ସରକାରଙ୍କ ସ୍ୱୀକୃତି

ଭୁବନେଶ୍ୱର,୧୨।୨(ସମିସ): ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ଆଇଜି ଡିଫେନ୍ସ'କୁ ଓଡ଼ିଶା ସରକାର ଗଞ୍ଜାମ ଜିଲ୍ଲାରେ ୩୦୦ କୋଟି ଟଙ୍କାର ଏକ ଉନ୍ନତ ମାନର ମଲ୍ଟି-ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ ପାଇଁ ଅନୁମତି ଦେଇଛନ୍ତି। ମୁଖ୍ୟ ଶାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୪ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ରାଜ୍ୟର ଶିଳ୍ପ ଓ ଉତ୍ପାଦନ କ୍ଷେତ୍ରକୁ ମଜବୁତ କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପ ସହିତ ଅନ୍ୟାନ୍ୟ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି କେନ୍ଦ୍ରରେ ମୁଖ୍ୟତଃ ଉନ୍ନତ ମାନର ଚାଳକବିହୀନ ଡ୍ରୋନ୍ ସହ ଅନ୍ୟାନ୍ୟ ପ୍ରତିରକ୍ଷା ସରଞ୍ଜାମ ତିଆରି କରାଯିବ, ଯେଉଁଥିରେ ଯୁଦ୍ଧ ପାଇଁ





ଆବଶ୍ୟକ ହେଉଥିବା ଉଚ୍ଚ କ୍ଷମତା ସମ୍ପନ୍ନ ଟାକ୍ଟିକାଲ୍ ଡ୍ରୋନ୍ ଅନ୍ତର୍ଭୁକ୍ତ। ଓଡ଼ିଶାରେ ଥିବା ଡିଆରଡିଓ ଲାବୋରେଟୋରୀ, ହାଲ କେନ୍ଦ୍ର, ଅର୍ଡନାନ୍ସ ଫ୍ୟାକ୍ଟ୍ରି ନେଟୱାର୍କ ଏବଂ ଗୋପାଳପୁର ଟେଷ୍ଟ ରେଞ୍ଜ ଭଳି ପ୍ରତିରକ୍ଷା ଇକୋସିଷ୍ଟମର ସହାୟତା ନେଇ ଏହି କେନ୍ଦ୍ରରେ ସ୍ୱଦେଶୀ ଇଲେକ୍ଟ୍ରୋନିକ୍ ୱାରଫେୟାର୍ ଉପଯୋଗୀ ଚାଳକବିହୀନ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସରଞ୍ଜାମର ବିକାଶ କରାଯିବ। ଏହି ସବୁ ପ୍ରତିରକ୍ଷା ବ୍ୟବସ୍ଥା ଭାରତର ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ମଜବୁତ କରିବା ସହ ଭାରତର ବନ୍ଧୁ ରାଷ୍ଟ୍ରମାନଙ୍କୁ ମଧ୍ୟ ରପ୍ତାନି କରାଯିବ। ଦେଶର ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ପୂରଣ କରିବା ଏବଂ ଘରୋଇ ପ୍ରତିରକ୍ଷା ଉତ୍ପାଦନ କ୍ଷମତା ବଢ଼ାଇବା ଦିଗରେ ଏହି ପ୍ରକଳ୍ପ ଏକ ବଡ଼ ପଦକ୍ଷେପ ବୋଲଇ ଆଇଜି ଡିଫେନ୍ସର ବରିଷ୍ଠ ଉପାଧ୍ୟକ୍ଷ ମେଜର ଜେନେରାଲ ଆର୍.ସି. ପାଢୀ କହିଛନ୍ତି।

# ଓଏସ୍-ସିଆଇଟି ଆଧାରିତ ଆଇଟି ପ୍ରଶିକ୍ଷଣ ଆରମ୍ଭ





ଭୁବନେଶ୍ୱର, ୧୨।୨(ସମିସ): ରାଜ୍ୟର ପ୍ରାଥମିକ କୃଷି ସମବାୟ ସମିତି ଗୁଡିକୁ ଡିଜିଟାଲ ଭାବେ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଏସ-ସିଆଟି ମାଧ୍ୟମରେ ରାଜ୍ୟସ୍ତରୀୟ ଓଞ୍ଚ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରର ଲୋକସେବା କନଭେନସନ୍ ହଲ୍‌ରେ ଗୁରୁବାର ଆରମ୍ଭ ହୋଇଛି। କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ସଚିବ ଡ଼ଃ. ଅଶିଷ କୁମାର ଭୁଟାନୀ ମୁଖ୍ୟ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟର ସମସ୍ତ ୩୧୪ଟି ବ୍ଲକ୍‌ରୁ ୨,୭୧୧ଟି ପ୍ରାଥମିକ କୃଷି ସମବାୟ ସମିତିର ମୋଟ ୫,୪୨୨ ଅଧିକାରୀ ଓକେସିଏଲର ସ୍ୱୀକୃତିପ୍ରାପ୍ତ ଶିକ୍ଷା କେନ୍ଦ୍ରଗୁଡିକରେ ଉପସ୍ଥିତ ହୋଇ ଅନଲାଇନ୍ ମାଧ୍ୟମରେ ଯୋଗଦେଇଥିଲେ। ଏଥିରେ ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ର ସରକାର ସମବାୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନ, କେନ୍ଦ୍ର ସମବାୟ ନୀତି ବିଭାଗର ନିର୍ଦ୍ଦେଶକ ମୁକେଶ କୁମାର, ଓମ୍‌ଫେଡ୍ ଏମ୍‌ଡି ବିଜୟ ଅମୃତ କୁଲାଙ୍ଗେ ଏବଂ ଓକାକ୍‌ର ସିଇଓ ଡ଼ଃ. ପ୍ରଦୀପ କୁମାର ରାଉତ ଉପସ୍ଥିତ ଥିଲେ। ଓକେସିଏଲର ଏମ୍‌ଡି ଡ଼ଃ. ମନୋରଞ୍ଜନ ପୁଥାଲ ଓଏସ-ସିଆଟି ପ୍ରଶିକ୍ଷଣର ପାଠ୍ୟକ୍ରମ ଓ ଗଠନ ବିଷୟରେ ତଥ୍ୟ ଦେଇଥିଲେ।

# ୫ ବର୍ଷରେ ଅଧିକ ସୁନା କିଣିଛି ଭାରତ

## ଅଧିକ ବିକିଛନ୍ତି ଜର୍ମାନୀ, ଫିଲିପାଇନ୍ସ, ଶ୍ରୀଲଙ୍କା

ନୂଆ ଦିଲ୍ଲୀ, ୧୨।୨(ଏଜେନ୍ସି): କିଛି ବର୍ଷ ହେବ ବିଶ୍ୱରେ ସୁନା ଏବଂ ରୂପାର ମୂଲ୍ୟ ସମ୍ପ୍ରତି ଯଥେଷ୍ଟ ବୃଦ୍ଧି ପାଇଛି। ୨୦୨୦ ରୁ ୨୦୨୫ ପର୍ଯ୍ୟନ୍ତ ୫ ବର୍ଷର ଅବଧିରେ ସୁନାର ମୂଲ୍ୟ ୨୬୫% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଅନେକ ଦେଶ ସୁନା ଅତ୍ୟଧିକ ପରିମାଣରେ କିଣିଛନ୍ତି। ଅପରପକ୍ଷେ ଏମିତି ବି କିଛି ଦେଶ ରହିଛନ୍ତି ଯେଉଁମାନେ ଉପରୋକ୍ତ ୫ ବର୍ଷରେ ଅଧିକ ସୁନା ବିକ୍ରି କରିଛନ୍ତି।

ବିଗତ ୫ବର୍ଷ ମଧ୍ୟରେ ଚୀନ୍, ପୋଲାଣ୍ଡ, ତୁର୍କୀ ଏବଂ ଭାରତ ସମେତ ଅନେକଦେଶରକେନ୍ଦ୍ରୀୟବ୍ୟାଙ୍କଗୁଡ଼ିକ ବହୁ ମାତ୍ରାରେ ସୁନା କିଣିଛନ୍ତି। ତଥାପି, ଏହି ୫ ବର୍ଷ ମଧ୍ୟରେ ଅନେକ





କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସେମାନଙ୍କର ସୁନା ଭଣ୍ଡାର ହ୍ରାସ କରିଛନ୍ତି। ଏଥିରେ ଫିଲିପାଇନ୍ସ, କାଜାଖସ୍ତାନ, ଶ୍ରୀଲଙ୍କା, ଜର୍ମାନୀ, ମଙ୍ଗୋଲିଆ ଏବଂ ତାଜିକିସ୍ତାନ ଅନ୍ତର୍ଭୁକ୍ତ। ୨୦୨୦ ରୁ ୨୦୨୫ ପର୍ଯ୍ୟନ୍ତ ସର୍ବାଧିକ ସୁନା କ୍ରୟ କରୁଥିବା ଦେଶମାନଙ୍କ ତାଲିକାରେ ଚୀନ୍ ଆଗରେ ଅଛି। ଗତ ୫ ବର୍ଷ ମଧ୍ୟରେ ଚୀନ୍ ୩୫୭.୧ ଟନ୍ ସୁନା କିଣିଛି। ତଥାପି, ବିଶେଷଜ୍ଞମାନେ କହିଛନ୍ତି ଯେ ଚୀନ ଗୁପ୍ତ ଭାବରେ ଏହାଠାରୁ ବହୁତ ଅଧିକ ସୁନା କିଣିଛି। ଚୀନ ପରେ, ପୋଲାଣ୍ଡ ଦ୍ୱିତୀୟ ସର୍ବାଧିକ ସୁନା କ୍ରେତା ଥିଲା। ଏହି ୟୁରୋପୀୟ ଦେଶ ଗତ ପାଞ୍ଚ ବର୍ଷ ମଧ୍ୟରେ ୩୧୪.୬ ଟନ୍ ସୁନା କିଣିଛି। ଏହା ପଛକୁ ତୁର୍କୀ (୨୫୧.୮ ଟନ୍) ଏବଂ ଭାରତ (୨୪୫.୩ ଟନ୍) ରହିଛି। ଏହି ସମୟ ମଧ୍ୟରେ ବ୍ରାଜିଲ ୧୦୫.୧ ଟନ୍,ଆଜରବୈଜାନ (୮୩.୬ ଟନ୍), ଜାପାନ (୮୦.୮ ଟନ୍), ଥାଇଲ୍ୟାଣ୍ଡ (୮୦.୬ ଟନ୍), ହଙ୍ଗେରୀ (୭୮.୫ ଟନ୍) ଏବଂ ସିଙ୍ଗାପୁର (୭୭.୩ ଟନ୍) ସନା କିଣିଛନ୍ତି।

ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବାଧିକ ସୁନା ବିକ୍ରି କରୁଥିବା ଦେଶମାନଙ୍କ ମଧ୍ୟରେ ଫିଲିପାଇନ୍ସ ୬୫.୨ ଟନ୍ ସୁନା ବିକି ପ୍ରଥମ ସ୍ଥାନରେ ରହିଛି। ସେହିପରି କାଜାଖସ୍ତାନ ୫୨.୪ ଟନ୍ ସୁନା ବିକ୍ରି କରିଛି। ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ଶ୍ରୀଲଙ୍କା ୧୯.୧ ଟନ୍ ସୁନା ବିକିଛି। ୨୦୨୦-୨୦୨୫ ମଧ୍ୟରେ ଜର୍ମାନୀର ସୁନା ଭଣ୍ଡାର ୧୬.୩ ଟନ୍ ହ୍ରାସ ପାଇଛି, ଯେତେବେଳେ କି ମଙ୍ଗୋଲିଆ ୧୫.୯ ଟନ୍ ସୁନା ବିକ୍ରି କରିଛି। ତାଜିକିସ୍ତାନ ୧୧.୯ ଟନ୍, ୟୁରୋ କ୍ଷେତ୍ର ୧୦.୮ ଟନ୍, କଲମ୍ବିଆ ୯.୨ଟନ୍ ଏବଂ ଫିନଲ୍ୟାଣ୍ଡ ୫.୪ ଟନ୍ ସୁନା ବିକ୍ରି କରିଛି।

